रजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

No 1, NEW DELHI, TUESDAY, MAY 8, 1990/BAISAKH 18, 1912 (SAKA) VOL I
ସଂ. 1, ନୂଆଦିଲ୍ଲୀ, ମଙ୍ଗଳବାର, ମଇ 8, 1990/ବୈଶାଖ 18, 1912 (ଶକ) ଗ୍ରନ୍ଥଖଣ୍ଡ 1

## MINISTRY OF LAW AND JUSTICE

**(Legislative Department)**

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ଵିଧି ଓ ନ୍ୟାୟ ମନ୍ତ୍ରାଳୟ

### (ଵିଧାୟୀ ଵିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ୍ରେସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ଓ୍ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ୍ରେସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଚ୍ଛି ମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଚାଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ବେଙ୍ଗଲ ବନ୍ଧପତ୍ରାଧୀନ ପଣ୍ୟାଗାର ସମିତି

## 1854ର ଅଧିନିୟମ ସଂ 5

ବେଙ୍ଗଲ ବନ୍ଧପତ୍ରାଧୀନ ପଣ୍ୟାଗାର ସମିତି ସମ୍ପର୍କିତ 1838ର ଅଧିନିୟମ ସଂ Vକୁ ସଂଶୋଧନ କରିବା ପାଇଁ ଏକ ଅଧିନିୟମ ।

[ 10 ଫେବୃଆରି, 1854 ]

ଉଦ୍ଦେଶିକା — ଯେହେତୁ 1838 ର ଅଧିନିୟମ ସଂ Vର ଉପବନ୍ଧଗୁଡ଼ିକୁ ସଂଶୋଧନ କରାଯିବା ପାଇଁ ବେଙ୍ଗଲ ବନ୍ଧପତ୍ରାଧୀନ ପଣ୍ୟାଗାର ସମିତି ଇଚ୍ଛୁକ ଅଟନ୍ତି ଓ ସେପରି ସଂଶୋଧନ କରାଯିବା ଯୁକ୍ତିଯୁକ୍ତ ବୋଲି ବୋଧହୁଏ ; ତେଣୁ ନିମ୍ନମତେ ଅଧିନିୟମିତ ହେଲା :—

1. [ 1838ର ଅଧିନିୟମ Vର ଧାରା 12, 14, 32, ଓ 37ର ନିରସନ ] ନିରସନ ଅଧିନିୟମ, 1870 ( 1870ର 14 ) ଧାରା I ଓ ଅନୁସୂଚୀ, ଭାଗ II ଦ୍ୱାରା ନିରସିତ ।

କାରବାର ପରିଚାଳନା । — 2. ଉକ୍ତ ସମିତିର କାରବାର ଛଅ ଜଣ ନିର୍ଦ୍ଦେଶକଙ୍କ ଦ୍ୱାରା ପରିଚାଳିତ ହେବ ଓ ସେମାନଙ୍କ ମଧ୍ୟରୁ ତିନିଜଣ ହେଲେ କୋରମ ହେବ ।

ନିର୍ଦ୍ଦେଶକମାନଙ୍କର ବାର୍ଷିକ ନିର୍ବାଚନ । — 3. ପ୍ରତ୍ୟେକ ବର୍ଷ ଜ୍ୟେଷ୍ଠାନୁକ୍ରମରେ ପଦରୁ ବାହାରି ଯାଉଥିବା ଦୁଇଜଣ ନିର୍ଦ୍ଦେଶକ ମଇ ମାସରେ ସ୍ୱତ୍ୱାଧିକାରୀମାନଙ୍କର ଯେଉଁ ମାମୁଲି ସାଧାରଣ ସଭା ହେବାକୁ ନିର୍ଦ୍ଦେଶିତ ହୋଇଥାଏ, ତାହା ଅନୁଷ୍ଠିତ ହେବା ପୂର୍ବରୁ ସେହି ମାସରେ ପଦରୁ ବାହାରି ଯିବେ ଓ ସେପରି ମାମୁଲି ସାଧାରଣ ସଭାରେ ଦୁଇଜଣ ନିର୍ଦ୍ଦେଶକ ବଚ୍ଛାଯିବେ ଓ ସେପରି ଭାବେ ପଦରୁ ବାହାରି ଯାଇଥିବା ନିର୍ଦ୍ଦେଶକମାନେ ବା ସେମାନଙ୍କ ମଧ୍ୟରୁ କେହି ଜଣେ ସେପରି ସାଧାରଣ ସଭାରେ ସେହି ବର୍ଷ ପୁନଃନିର୍ବାଚିତ ହେବାକୁ ସମର୍ଥ ହେବେ ।

ନିର୍ଦ୍ଦେଶକମାନଙ୍କର ଯୋଗ୍ୟତା । — 4. ଯେଉଁ ବ୍ୟକ୍ତି ଉକ୍ତ ସମିତିର ପୁଞ୍ଜି ଷ୍ଟକର ପାଞ୍ଚଟି ଅଂଶ ନିଜ ଅଧିକାରରେ ରଖି ସ୍ୱତ୍ୱାଧିକାରୀ ହୋଇ ନଥିବେ, ସେ ଉକ୍ତ ସମିତିର ନିର୍ଦ୍ଦେଶକ ହେବାକୁ ସମର୍ଥ ହେବେ ନାହିଁ ।

ମାମୁଲି ସାଧାରଣ ସଭା । — 5. ଉକ୍ତ ସ୍ୱତ୍ୱାଧିକାରୀମାନଙ୍କର ମାମୁଲି ସାଧାରଣ ସଭା ପ୍ରତ୍ୟେକ ବର୍ଷ ଅନ୍ତତଃ ପକ୍ଷେ ଦୁଇଥର ଅର୍ଥାତ୍ ମଇ ମାସର ଦ୍ୱିତୀୟ ବୁଧବାର ଓ ନଭେମ୍ବର ମାସର ଦ୍ୱିତୀୟ ବୁଧବାର ଦିନ ଅନୁଷ୍ଠିତ ହେବ ଓ ସେପରି ପ୍ରତ୍ୟେକ ମାମୁଲି ସଭାରେ ଉକ୍ତ ସମିତିର ନିର୍ଦ୍ଦେଶକମାନେ ଉକ୍ତ ସମିତିର କାର୍ଯ୍ୟକଳାପର ଏକ ରିପୋର୍ଟ ଓ ଜମାଖର୍ଚ୍ଚ ଫର୍ଦ୍ଦ ଲିଖିତ ଆକାରରେ ଉପସ୍ଥାପିତ କରିବେ ; ସେପରି ସାଧାରଣ ସଭା ଉକ୍ତ ସମିତିର ଲାଭରୁ ଏକ ଲାଭାଂଶ ଘୋଷଣା କରି ପାରିବେ, ପରନ୍ତୁ ଉକ୍ତ ସମିତିର ପୁଞ୍ଜିକୁ କମାଇବା ଭଳି କୌଣସି ଲାଭାଂଶ ଦିଆଯିବ ନାହିଁ ।

ଉପବିଧି — 6. ନିଜର କାର୍ଯ୍ୟବିଧିକୁ ବିନିୟମିତ କରିବା ପାଇଁ ଉପବିଧି ପ୍ରଣୟନ କରିବା ଉକ୍ତ ସମିତି ପକ୍ଷେ ବିଧି ସମ୍ମତ ହେବ, ଯେଉଁ ଉପବିଧି କି କେବଳ ଏହାର ସଦସ୍ୟ ଓ ଅଧିକାରୀମାନଙ୍କ ଉପରେ ଆବଦ୍ଧକର ହେବ, ପରନ୍ତୁ ଉପବିଧିକୁ ଅନୁମୋଦନ କରିବା ଉଦ୍ଦେଶ୍ୟରେ ବିଶେଷ ଭାବେ ଆହୂତ ହୋଇଥିବା ଗୋଟିଏ ଅସାମାନ୍ୟ ସାଧାରଣ ସଭାରେ ଅନୁମୋଦନ ନ ହେଲା ପର୍ଯ୍ୟନ୍ତ ସେପରି ଉପବିଧି ବିଧିମାନ୍ୟ ହେବ ନାହିଁ, ପୁନଶ୍ଚ ସେପରି କୌଣସି ଉପବିଧି କେନ୍ଦ୍ର ସରକାରଙ୍କ ଦ୍ୱାରା ଦୃଢ଼ୀକୃତ ନ ହେଲା ପର୍ଯ୍ୟନ୍ତ ବିଧିମାନ୍ୟ ହେବ ନାହିଁ ।

ନିଗମର ବିଘଟନ । — 7. ତା 14 ମାର୍ଚ୍ଚ, 1860 ପରେ ଯେ କୌଣସି ସମୟରେ ସପରିଷଦ କେନ୍ଦ୍ର ସରକାର ଏକ ଆଦେଶ ଦ୍ୱାରା, ସେପରି ଆଦେଶ ଦେବାର ପାଞ୍ଚ ବର୍ଷର ଅବସାନ ପରେ ଉକ୍ତ ସମିତି ବିଘଟିତ ହେବ ବୋଲି ନିର୍ଦ୍ଦେଶ ଦେବା ବିଧି ସମ୍ମତ ହେବ, ଏବଂ 1838 ର ଅଧିନିୟମ ସଂ V ର ଧାରା 39 ରେ ଉଲ୍ଲିଖିତ ଥିବା ଉଦ୍ଦେଶ୍ୟ ବ୍ୟତିରେକେ ସେହି ଆଦେଶ ଉକ୍ତ ପାଞ୍ଚବର୍ଷ ସମୟର ଅବସାନ ପରେ ଉକ୍ତ ନିଗମକୁ ବିଘଟିତ କରିବାପାଇଁ ସ୍ୱତଃ ପ୍ରଭାବୀ ହେବ ।